

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

## କମ୍ ପ୍ରୀମିୟମ୍, ବଡ ବୀମା

सत्यमेव जयते

ମୋର ପ୍ରିୟ କୃଷକ ଭାଇ ଓ ଭଉଣୀ,

'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ର ଖବର ଆପଣଙ୍କ ନିକଟରେ ପହଞ୍ଚି ସାରିଥିବ । ଆମ ଦେଶରେ କୃଷକ ସର୍ବଦା ନିଜକୁ ଅସୁରକ୍ଷିତ କରି ଆସିଛି, କେବେ ପ୍ରାକୃତିକ ବିପର୍ଯ୍ୟୟତ କେବେ ବଜାରଦର ଖସିବା କାରଣରୁ । ବିଗତ ୧୮ ମାସରେ ମୋ ସରକାର ଏହି ସଂକଟ ସମୟରେ ସହାୟତା ପହଞ୍ଚାଇବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି ।

କୃଷକମାନଙ୍କ ପାଇଁ ବୀମା ଯୋଜନା ପୂର୍ବରୁ ମଧ ଥିଲା । କିନ୍ତୁ ଏହା ଅନେକ କାରଣରୁ ସଫଳ ହୋଇ ପାରୁନଥିଲା- କେବେ ପ୍ରିମିୟମର ଦର ଅତ୍ୟଧିକ, କେବେ କ୍ଷତିର ଦାବୀରାଶି ବହୁତ କମ୍, ତ କେବେ ସ୍ଥାନୀୟ କ୍ଷତି ଅନ୍ତର୍ଭୁକ୍ତ ନୁହେଁ । ପରିଣାମ ସ୍ୱରୂପ, ଅତି ବେଶୀରେ ୨୦% କୃଷକ ହିଁ ଏଥିରେ ସାମିଲ ହେଉଥିଲେ, ଏବଂ ନିଜର ଅଧିକାର ପାଇବା ପାଇଁ ସେମାନଙ୍କୁ ମଧ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ତେଣୁ, ବୀମା ଯୋଜନାଗୁଡ଼ିକ ଉପରୁ କୃଷକଙ୍କ ଭରସା ଉଠି ଯାଇଥିଲା ।

ଏହାକୁ ଦୃଷ୍ଟିରେ ରଖି ଆମେ ରାଜ୍ୟଗୁଡ଼ିକସହ, କୃଷକମାନଙ୍କ ସହ ଓ ବୀମା କମ୍ପାନୀଗୁଡ଼ିକ ସହ ଗହନ ବିଚାର-ବିମର୍ଷ କଲୁ ଏବଂ ଏବେ ମୁଁ ନିଜର ପ୍ରିୟ କୃଷକ ଭାଇ-ଭଉଣୀଙ୍କ ଚରଣରେ କୃଷକଙ୍କୁ ବ୍ୟାପକ ଲାଭ ପହଞ୍ଚାଉଥିବା 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା' ସାଦର ସମର୍ପିତ କରୁଛି ।

ଏହି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ବୈଶିଷ୍ଟ୍ୟାବଳୀଗୁଡ଼ିକ ହେଲା:

- **ଫସଲ ବୀମାରେ ଏହା ସରକାରଙ୍କ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ସହାୟତା ।**
- ଫଳସ୍ୱରୂପ କୃଷକଙ୍କ ପାଇଁ ଏହା ଏ ପର୍ଯ୍ୟନ୍ତର ସବୁଠାରୁ କମ୍ ପ୍ରିମିୟମ ଦର ହେବ ।
- ବଳକା ଭାର ସରକାରଙ୍କ ଦ୍ୱାରା ବହନ କରାଯିବ- ୯୦%ରୁ ଅଧିକ ହୋଇଥିଲେ ମଧ ।
- ଖାଦ୍ୟାନ୍ନ, ଡାଲି, ତୈଳବୀଜ ଫସଲପାଇଁ ଏକରତୁ, ଏକ ଦର ହେବ-ପୃଥକ ଜିଲ୍ଲା ଏବଂ ଫସଲ ପାଇଥିବା ପୃଥକ-ପୃଥକ ଦରରୁ ଏବେ ମୁକ୍ତି ମିଳିବ- ଖରିଫ: ମାତ୍ର ୨% ଓ ରବି: ମାତ୍ର ୧.୫% ।
- **ସମ୍ପୂର୍ଣ୍ଣ ସଂରକ୍ଷଣ ମିଳିବ**-ବୀମା ଉପରେ କୌଣସି କ୍ୟାପିଂ ରହିବନାହିଁ ଏବଂ ଏହି କାରଣରୁ ଦାବୀ ରାଶିରେ ହ୍ରାସ କିମ୍ୱା କାଟ ମଧ କରାଯିବନାହିଁ ।
- ପ୍ରଥମଥର ପାଇଁ ଜଳ ଜମିବାକୁ ସ୍ଥାନୀୟ ବିପଦ ମଧରେ ଅନ୍ତର୍ଭୁକ୍ତ କରାଯାଇଛି ।
- ପ୍ରଥମଥର ପାଇଁ ସାରା ଦେଶରେ ଫସଲ ଅମଳ ପରେ ଘୂର୍ଣ୍ଣିବାତ୍ୟ ଏବଂ ଅସମୟ ବର୍ଷାର ବିପଦକୁ ମଧ ଅନ୍ତର୍ଭୁକ୍ତ କରାଯାଇଛି ।
- ପ୍ରଥମଥର ପାଇଁ ଠିକ୍ ଆକଳନ ଏବଂ ଶୀଘ୍ର ଦେୟ ପୈଠପାଇଁ ମୋବାଇଲ୍ ଏବଂ ସାଟେଲାଇଟ୍ ଟେକ୍ନୋଲୋଜିର ବ୍ୟାପକ ଉପଯୋଗ ଉପରେ ଜୋର ଦିଆଯାଇଛି ।

ଆସନ୍ତା ଖରିଫ ଫସଲରୁ ଏହି ଯୋଜନା ଲାଗୁ ହୋଇଯିବ । ଏହି ଯୋଜନାରେ ଯୋଗଦେବା ସହଜ ଏବଂ ସୁରକ୍ଷା ସର୍ବାଧିକ । **ମୁଁ ଆପଣଙ୍କୁ ଏଥିରେ ସାମିଲ୍ ହେବାପାଇଁ ଆହ୍ୱାନ କରୁଛି ।**

ଆପଣଙ୍କର

नरेन्द्र मोदी

( ନରେନ୍ଦ୍ର ମୋଦି )